## ସଂକ୍ଷେପରେ

### ଗୋଟିଏ ରାତିରେ ୩ ସରକାରୀ କ୍ୱାର୍ଟର୍ସରୁ ଚୋରି

ଚମ୍ପୁଆ,୨୪।୪(ଡି.ଏନ୍.ଏ): କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାର ବ୍ଲକ୍ କଲୋନୀରେ ଗୋଟିଏ ରାତିରେ ତିନି ସରକାରୀ ବାସଗୃହରୁ ଦୁର୍ବୃତ୍ତ ଗ୍ରୀଲ ଭାଙ୍ଗି ଚୋରି କରି ନେଇଛନ୍ତି। ଚମ୍ପୁଆ ବ୍ଲକ୍‌ର କାର୍ଯ୍ୟରତ ଏନ୍‌ଆର୍‌ଜିଏ ଆଶିଷ୍ଟାଟାଣ୍ଟ୍ ପ୍ରକାଶ ସାହୁ, ସିପିଓ ଗାଜିଆ ସୁଲତାନା ଓ ଚମ୍ପୁଆ ଏନ୍‌ଏସି ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀଙ୍କ ବାସଭବନରୁ ଚୋରି ନେଇ ଥାନାରେ ଅଭିଯୋଗ ହୋଇଛି। ଘରୁ ଆସବାବ ପତ୍ର, ଟିଭି, ଜରୁରୀ କାଗଜ ପତ୍ର ଏପରିକି ବ୍ୟବହାର କରାଯାଉଥିବା ଗ୍ୟାସ ଚୁଲା ଆଦି ଚୋରି ହୋଇଯାଇଛି। କର୍ମଚାରୀମାନେ ରବିବାର ଛୁଟିରେ ଛୁଟିରେ ଘରକୁ ଯାଇଥିବାବେଳେ ଏଭଳି ଘଟଣା ଘଟିଛି। ସୋମବାର ସମସ୍ତେ ଫେରି ଘରୁ ଚୋରି ହୋଇଥିବା ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ମହିଳାଙ୍କ ବେକରୁ ସୁନାହାର ଝାମ୍ପିନେଲେ ଦୁର୍ବୃତ୍ତ

ମୋରଡ଼ା,୨୪।୪(ଡି.ଏନ.ଏ): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ବରକନ୍ଦ ପଞ୍ଚାୟତର ବଇଞ୍ଚିହାଠାରେ ସୋମବାର ଦିନ ଗୋଟାଏ ବେଳେ ଜଣେ ମହିଳାଙ୍କ ବେକରୁ ସୁନାହାର ଝାମ୍ପି ନେଇଛନ୍ତି ଦୁର୍ବୃତ୍ତ। ଲୁଟ୍‌ର ଶିକାର ହୋଇଥିବା ମହିଳା ହେଲେ ରୁଚିସ୍ମିତା ପାଲ। ଏନେଇ ସେ ମୋରଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ରୁଚିସ୍ମିତା ବାପଘର ସାମ୍ନାରେ ଛିଡ଼ା ହୋଇଥିବା ବେଳେ ଜଣେ ଯୁବକ ମୁହଁରେ ଧଳା ରୁମାଲ ବାନ୍ଧି ତାଙ୍କ ପାଖକୁ ଆସି ଠିକଣା ପଚାରିବା ବାହାନାରେ ବେକରୁ ସୁନାର ରାଣୀହାର ଛିଣ୍ଡାଇ ନେଇ ପଳାଇଥିଲେ। ଏହାପରେ କିଛିଦୂରରେ ଛିଡ଼ା ହୋଇଥିବା ଅନ୍ୟ ଜଣେ ଯୁବକଙ୍କ ସହ ବାଇକ୍‌ରେ ଫେରାର ହୋଇଯାଇଥିଲେ। ଅଭିଯୋଗ ପାଇ ଥାନାଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏନେଇ ମୋରଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଛି।

### ପଞ୍ଚାୟତ ନିର୍ବାଚନରେ ନିୟୋଜିତ ଗାଡ଼ି କାଗଜପତ୍ର ଦାଖଲ ନିର୍ଦ୍ଦେଶ

କେନ୍ଦୁଝର,୨୪।୪(ଡି.ଏନ୍.ଏ.): ଗତ ୨୦୨୨ ମସିହା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ନିୟୋଜିତ ହୋଇଥିବା ଗାଡ଼ିର ମାଲିକମାନେ ଯେଉଁମାନେ ଭଡ଼ା ପାଇନାହାନ୍ତି, ସେମାନେ ଆଗାମୀ ୭ ଦିନ ମଧ୍ୟରେ ଜିଲା ପଞ୍ଚାୟତ କାର୍ଯ୍ୟାଳୟରେ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିବାକୁ ପ୍ରଶାସନ ତରଫରୁ ନିର୍ଦ୍ଦେଶ ହୋଇଛି। ନିୟୋଜିତ ଗାଡ଼ିଗୁଡ଼ିକ ମଧ୍ୟରୁ କେତେକ ମାଲିକ ଆବଶ୍ୟକୀୟ କାଗଜ ପତ୍ର ଦାଖଲ କରି ନ ଥିବାରୁ ତାଙ୍କ ଭଡ଼ା ବାବଦ ପ୍ରାପ୍ୟ ପ୍ରଦାନ କରାଯାଇ ପାରିନାହିଁ। ଏଣୁ ଆସନ୍ତା ୭ ଦିନ ମଧ୍ୟରେ ଗାଡିର ଆର୍‌ସି ବୁକ୍ ନକଲ, ଗାଡ଼ିର ରିକ୍ୱିଜିସନର ନକଲ, ଗାଡ଼ିର ରିଲିଭିଂ ସ୍ଲିପ୍‌ର ନକଲ, ଗାଡି ମାଲିକଙ୍କ ବ୍ୟାଙ୍କ ପାସବୁକ୍ ନକଲ ସହିତ ଆଧାର କାର୍ଡ ନକଲ ଜିଲା ପଞ୍ଚାୟତ କାର୍ଯ୍ୟାଳୟରେ ଦାଖଲ କରିବାକୁ କୁହାଯାଇଛି।

### ଅନ୍ୱେଷା ହଷ୍ଟେଲରେ ନିର୍ଯାତନା ଅଭିଯୋଗ

ଉଦଳା,୨୪।୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳରେ ଥିବା ଅନ୍ୱେଷା ହଷ୍ଟେଲରେ ଛାତ୍ରଙ୍କୁ ନିର୍ଯାତନା ଦିଆଯାଉଛି। ଏ ନେଇ ସୋମବାର ଜଣେ ନାବାଳକଙ୍କ ପରିବାର ଲୋକେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଝରଣାସାହି ଗ୍ରାମର ନାବାଳକ ହଷ୍ଟେଲରେ ରହୁଥିଲେ। ତେବେ ଗ୍ରୀଷ୍ମ ଛୁଟିରେ ନାବାଳକଙ୍କୁ ଆଣିବା ନିମନ୍ତେ ପରିବାର ସଦସ୍ୟ ହଷ୍ଟେଲରେ ପହଞ୍ଚିଥିଲେ। ନାବାଳକ ଜଣକ କାନ୍ଦି ହଷ୍ଟେଲର ମାଟ୍ରୋନ୍ ଏବଂ ସିପିଓ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହିତ ଶାରୀରିକ ଏବଂ ମାନସିକ ଭାବେ ନିର୍ଯାତନା ଦେଉଥିବା କହିଥିଲେ। ଏପରିକି ଛାତ୍ରଙ୍କୁ ହଷ୍ଟେଲରେ ମାଡ଼ ମଧ ମରାଯାଇଥିବା ପରିବାର ଲୋକଙ୍କ ନିକଟରେ ପ୍ରକାଶ କରିଥିଲେ। ଘଟଣା ବାବଦରେ କାହାକୁ ଜଣାଇଲେ ହଷ୍ଟେଲରୁ ବାଧତାମୂଳକ ଭାବେ ଟିସି ଦେଇ ବିଦା କରିଦେବେ ବୋଲି ଧମକ ଦେଉଥିବା ଅଭିଯୋଗ ହୋଇଛି। ଏନେଇ ନାବାଳକଙ୍କ ପରିବାର ଲୋକେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ହଷ୍ଟେଲ ଦାୟିତ୍ୱରେ ଥିବା ସିପିଓ ସୁକାନ୍ତି ସିଂଙ୍କୁ ପଚାରିବାରୁ ସେ ଘଟଣାକୁ ମିଛ ବୋଲି କହିବା ସହିତ ସମ୍ପୃକ୍ତ ଛାତ୍ରର ଚଳିତ ବର୍ଷ ପରୀକ୍ଷାରେ ନମ୍ବର କମ୍ ରହିବାରୁ ପରିବାର ଲୋକେ ଏଭଳି ଅଭିଯୋଗ କରିଥିବା କହିଛନ୍ତି। ମାଟ୍ରୋନ୍‌ଙ୍କୁ ପଚାରିବାରୁ ସେ ଏହାକୁ ମିଛ ବୋଲି କହିଛନ୍ତି।

# ନଡ଼ିଆ ଭୋଗକୁ ନେଇ ଅସନ୍ତୋଷ

ଘଟଗାଁ,୨୪।୪(ଡି.ଏନ୍.ଏ.)

**ମା' ତାରିଣୀଙ୍କ ପୀଠରେ ଭକ୍ତଙ୍କୁ ଦୁର୍ବ୍ୟବହାର**

- ମନ୍ଦିର ପ୍ରତିଷ୍ଠାତାଙ୍କ ପରିବାର ସଦସ୍ୟଙ୍କୁ ବି ଛାଡ଼ିଲେନି
- ପୂର୍ବରୁ ଶ୍ରଦ୍ଧାଳୁଙ୍କୁ ମାଡ଼ ନେଇ ଥାନାରେ ମାମଲା ହୋଇଛି

ଟଙ୍କା ଦିଅ ନ ହେଲେ ଏଠୁ ଯାଅ। ତୁମେ ଯେଉଁଠିକି ଯାଇ ଅଭିଯୋଗ କର, ଆମର କେହି କିଛି କରିପାରିବେନି। ଏଭଳି ରୁକ୍ଷ ଭାଷାରେ ଭକ୍ତଙ୍କଠାରୁ ଜୁଲମ୍ କରି ଟଙ୍କା ଆଦାୟ କରୁଛନ୍ତି କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀଙ୍କ ମନ୍ଦିରର କେତେଜଣ ପୂଜକ। ଏଭଳି ଅଭିଯୋଗ ପ୍ରତ୍ୟେକ ଦିନ ଆସୁଥିବା ବେଳେ ଦୂରଦୂରାନ୍ତରୁ ଆସୁଥିବା ଭକ୍ତ ଲିଖିତ ଅଭିଯୋଗ କରିବାକୁ ପଛାଉଛନ୍ତି। ଶନିବାର ତାରିଣୀ ମନ୍ଦିର ପରିଚାଳନା ବୋର୍ଡ ଗଠନର ପ୍ରାଣପ୍ରତିଷ୍ଠାତା ସ୍ୱର୍ଗତ ଭୀମସେନ ରାଉତଙ୍କ ପରିବାର ଲୋକ ପୂଜକଙ୍କଠାରୁ ଏଭଳି ଦୁର୍ବ୍ୟବହାରର ଶିକାର ହେବା ପରେ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ମନ୍ଦିର କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ ହୋଇଛି।

ପ୍ରାପ୍ତ ଖବର ଅନୁଯାୟୀ, ତରାଗ୍ରାମର ଭୀମସେନ ରାଉତଙ୍କ ନାତୁଣୀ ଓ ନାତୁଣୀ ବୋହୂ ମା'ଙ୍କ ଦର୍ଶନ ସହ ୧୦୮ ନଡ଼ିଆ ଭୋଗ ଲାଗି ପାଇଁ ଯାଇଥିଲେ। ପୂଜକ ୧୦୮ ନଡ଼ିଆ ଦେଖି ୬୦୧ ଟଙ୍କା ଦେବାକୁ ଦାବି କରିଥିଲେ। ଟଙ୍କା ନ ଦେଲେ ନଡ଼ିଆ ପିଟିବୁ ନାହିଁ କହି ଦୁର୍ବ୍ୟବହାର କରିଥିଲେ। ଘଟଣାକୁ ନେଇ ମନ୍ଦିର ପରିସରରେ କିଛି ସମୟ ଉତ୍ତେଜନା ଦେଖାଦେଇଥିଲା। ଏହାକୁ ନେଇ ଭୀମସେନ ରାଉତଙ୍କ ପୁଅ ରାଧେଶ୍ୟାମ ରାଉତ ମନ୍ଦିର କାର୍ଯ୍ୟାଳୟକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ଅନୁରୂପ ୧୭ ଜାନୁୟାରୀ ୨୦୨୩ରେ ଜନୈକ ପୂଜକ ଜଣେ ମହିଳା ଭକ୍ତ ଓ ତାଙ୍କ ବାପାଙ୍କୁ ସମାନ ଅଭିଯୋଗକୁ ନେଇ ମାଡ଼ ମାରିଥିଲେ। ସମ୍ପୃକ୍ତ ବ୍ୟକ୍ତି ପ୍ରଥମେ ମନ୍ଦିର କାର୍ଯ୍ୟାଳୟ ଓ ପରଦିନ ଘଟଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୧୪ ମାର୍ଚ୍ଚ ୨୦୨୩ରେ ପୁରୀର ରୂପକାନ୍ତ ସାହୁଙ୍କୁ ପୂଜକ ଗାଳିଗୁଲଜ କରିଥିବା ନେଇ ମନ୍ଦିର କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ଭୋଗ ଡାଲାରେ ମନ ମୁତାବକ ଟଙ୍କା ନ ଦେଲେ ପୂଜକ ଗାଳିଗୁଲଜ କରୁଥିବା ଗତ ଦଶହରା ସମୟରେ କଟକରୁ ଆସିଥିବା ଭକ୍ତ ମିନତୀ ମହାନ୍ତ ଘଟଗାଁ ଥାନାରେ ଅଭିଯୋଗ କରିଥିଲେ। କ୍ଷୋଭର ବିଷୟ ମନ୍ଦିର କାର୍ଯ୍ୟାଳୟ ଓ ଥାନାରେ ଅନେକ ଅଭିଯୋଗ ହୋଇଥିଲେ ବି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ବିଭାଗୀୟ କର୍ତ୍ତୃପକ୍ଷ ନିଦାବିଷ୍ଟୁ ସାଜିଛନ୍ତି। ଏ ନେଇ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ରଙ୍କୁ ପଚାରିବାରୁ ପୂର୍ବତନ ମାନେଜିଂ ଟ୍ରଷ୍ଟି ଲିଖିତ ଅଭିଯୋଗ କରିଥିବା ସ୍ୱୀକାର କରିଥିଲେ। ଦାୟିତ୍ୱରେ ଥିବା ଡିଭିଜନାଲ ଇନ୍‌ସ୍ପେକ୍ଟର ଦକ୍ଷିଣ କୁମାର ମାରାଣ୍ଡି ୩ ଦିନ ହେଲା ଅନୁପସ୍ଥିତ ରହିଛନ୍ତି। ଫୋନ୍ କଲେ ଉଠାଉ ନ ଥିବାରୁ ମତାମତ ନିଆଯାଇପାରିନାହିଁ।

ସୂଚନାଯୋଗ୍ୟ, ସେବାୟତ ଓ ମନ୍ଦିର କାର୍ଯ୍ୟାଳୟ ତରଫରୁ ଏକ ଚୁକ୍ତି ନାମା ରହିଛି। ଯାହାଫଳରେ ଭକ୍ତ ଭୋଗଲାଗି କଲା ପୂର୍ବରୁ ମହାସୁଲ ଦେଇଥାଆନ୍ତି। ମହାସୁଲ ନଡ଼ିଆ ପ୍ରତି ନିରୂପଣ କରାଯାଇଥାଏ। ଭକ୍ତଙ୍କ ମହାସୁଲରୁ ଅଧା ସେବାୟତମାନେ ନେଉଥିବା ବେଳେ ଅଧା ମନ୍ଦିର ଉନ୍ନତିମୂଳକ କାର୍ଯ୍ୟରେ ଲାଗିଥାଏ। ମହାସୁଲ ଆଦାୟ ହେଉଥିବାରୁ ଆଉ ପୂଜା ବେଳେ ପୂଜକମାନଙ୍କୁ ଅର୍ଥ ନ ଦେବାକୁ ଟିକେଟରେ ଉଲ୍ଲେଖ ରହିଥାଏ। ତେବେ ଭକ୍ତ ପୂଜକମାନଙ୍କୁ ସ୍ୱଇଚ୍ଛାରେ ଦାନଦକ୍ଷିଣା ଦେଇଥାନ୍ତି।

## ଜଳଲାଗି କଲେ ଗୋପାଳ ସେବାୟତ



ଜଳଲାଗି ପାଇଁ ଗୋପାଳ ସେବାୟତମାନେ ଲାଇନରେ ପ୍ରତୀକ୍ଷା କରିଛନ୍ତି।

ଆରଡ଼ି,୨୪।୪(ଡି.ଏନ.ଏ.)

ବୈଶାଖ ମାସର ୨ୟ ସୋମବାର ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ମନ୍ଦିରରେ ସ୍ଥାନୀୟ ଅଞ୍ଚଳର ଗୋପାଳ ସେବାୟତମାନେ ଜଳଲାଗି କରିଛନ୍ତି। ଭୋର ୫ଟାରେ ମନ୍ଦିର ପହଡ଼ ଖୋଲାଯାଇ ମଙ୍ଗଳ ଆଳତି କରାଯାଇଥିଲା। ପରେ ବାବାଙ୍କ ମହାସ୍ନାନ ପର୍ବ ଅନୁଷ୍ଠିତ ହୋଇଥିଲା। ପ୍ରଭାତ ନୈବେଦ୍ୟ ଅର୍ପଣ ପରେ ବାବା ଦିଗମ୍ବର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହାପରେ ରାତି ୪ଟାରୁ ପ୍ରତୀକ୍ଷାରତ ଗୋପାଳ ସେବାୟତମାନେ ଶୃଙ୍ଖଳିତ ଭାବେ ଜଣକ ପରେ ଜଣେ ଗର୍ଭଗୃହକୁ ଯାଇ ଜଳଲାଗି କରିଥିଲେ। ପ୍ରଶାସନିକ ନିୟମ ମାନି ଏହି ସମ୍ପ୍ରଦାୟର ବ୍ୟକ୍ତିମାନେ ଛୋଟ ଗଡୁରେ ପାଣି ଭାର ଆଣିବା ସହ ଭକ୍ତମାନେ ଯେପରି ସୁଚାରୁ ରୂପେ ଦିଅଁ ଦର୍ଶନ କରିପାରିବେ ସେଥିଲାଗି ସମସ୍ତେ ଯତ୍ନବାନ ହୋଇଥିଲେ। ସକାଳ ପ୍ରାୟ ୯ଟା ପର୍ଯ୍ୟନ୍ତ ଗୋପାଳମାନେ ଜଳଲାଗି କରିଥିଲେ। ହରିବୋଲ, ଓଁ ନମଃ ଶିବାୟ ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା। ଚଳିତ ସୋମବାର ୫୦୦ରୁ ଅଧିକ ଗୋପାଳ ଜଳଲାଗି କରିଥିବା ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଦର୍ଶକଙ୍କୁ ବାନ୍ଧିରଖିଲା ନାଟକ 'କଥା ତ ଏତିକି'

କେନ୍ଦୁଝର,୨୪।୪(ଡି.ଏନ୍.ଏ/ସ୍ୱ.ପ୍ର.)

କେନ୍ଦୁଝର ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କାସାଣ୍ଡ୍ରା କଲଚରାଲ ସେଣ୍ଟର ଦ୍ୱାରା ସ୍ଥାନୀୟ ମ୍ୟୁନିସିପାଲିଟି ଅଡିଟୋରିୟମରେ ଚାଲିଥିବା ଜାତୀୟ ନାଟକ ମହୋତ୍ସବ ଶେଷ ହୋଇଛି। ଶେଷ ଦିନରେ ନାଟକ 'କଥା ତ ଏତିକି' ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ସଦର ବିଧାୟକ ତଥା ବିରୋଧୀ ଦଳ ନେତା ମୋହନ ଚରଣ ମାଝୀ, ସମ୍ମାନିତ ଅତିଥି ଭାବେ ଡିଏଫ୍‌ଓ ଧନରାଜ ଏଚ୍‌ଡି ଯୋଗଦେଇଥିଲେ।



ନାଟକ 'କଥା ତ ଏତିକି'ର ଏକ ଦୃଶ୍ୟ।

ନାଟ୍ୟ ଉତ୍ସବର ପ୍ରଥମ ଦିନ ଭୁବନେଶ୍ୱରର ଶତାବ୍ଦୀର କଳାକାର ନାଟ୍ୟ ସଂସ୍ଥା ଦ୍ୱାରା ନାଟକ ଦଶାବତାର ମଞ୍ଚସ୍ଥ ହୋଇଥିଲା। ଦ୍ୱିତୀୟ ଦିନ ଭୋପାଳର ଅଗ୍ରଣୀ ନାଟ୍ୟ ସଂସ୍ଥା ରେଜିଂ ସୋସାଇଟି ଅଫ ଆର୍ଟ ଏଣ୍ଡ କଲଚର ଦ୍ୱାରା ନାଟକ ମଜ୍ଜୁନୁ ଲାଉସମେଣ୍ଟ, ତୃତୀୟ ଦିନ କୋଲକାତାର ନାଟ୍ୟ ଅନୁଷ୍ଠାନ ତିଲଜଲା କଳ୍ପନ ନାଟ୍ୟଗୋଷ୍ଠୀ ଦ୍ୱାରା ନାଟକ ଏକ କିତିର ଦିନଲିପି ମଞ୍ଚସ୍ଥ ହୋଇଥିଲା। ଶେଷ ଦିନ ନାଟ୍ୟକାର ଚିନ୍ମୟ ଦାସ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ କାସାଣ୍ଡ୍ରା ନିଜସ୍ୱ ନାଟକ କଥା ତ ଏତିକି ମଞ୍ଚସ୍ଥ ହୋଇଥିଲା। ନିଜସ୍ୱ ନାଟକ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥିବା ବେଳେ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ନାଟକରେ ବିଶ୍ୱଜିତ ବେଜ, ମନଶ୍ୱେତା ମିଶ୍ର, ବିଦ୍ୟୁତ ଲତା ଓଝା, ଦେବଦର୍ଶନ ଦାସ, ତୁଷାର ସାମନ୍ତ, ରବୀନ୍ଦ୍ର ସେଠୀ, ଆକାଶ ମହାପାତ୍ର, ଅମୂଲ୍ୟ ସାହୁ, ଅଶୋକ ମହାରଣା, ମନୋଜ ବେହେରା, ସନ୍ଦୀପ ପଟ୍ଟନାୟକ ପ୍ରମୁଖ କଳାକାରମାନେ ନାଟ୍ୟ ପ୍ରଦର୍ଶନ କରିଥିଲେ। କାସାଣ୍ଡ୍ରା ଦିବଂଗତ ସଦସ୍ୟ ଧୀରେନ୍ଦ୍ର ରାଉତ, ଗୟାଧର ଦାସ, ବନ ବିହାରୀ ପହି, ଦେବାଶିଷ ପଟ୍ଟନାୟକ, ବିରଞ୍ଚି ନାରାୟଣ ଦାସଙ୍କ ସ୍ମୃତିରେ ବରିଷ୍ଠ ନାଟ୍ୟ କଳାକାର ଯୋଗେନ୍ଦ୍ର ମହାପାତ୍ର, ଘନଶ୍ୟାମ ମିଶ୍ର, ପରିକ୍ଷିତ ମିଶ୍ର, କଳ୍ପତରୁ ଆଚାର୍ଯ୍ୟ, ବିଦ୍ୟାଧର ରାଏଙ୍କ ଉଦ୍ଦେଶ୍ୟରେ ତାଙ୍କ ପରିବାର ସଦସ୍ୟଙ୍କୁ କାସାଣ୍ଡ୍ରା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ପାଦକ ମଳୟ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା।

## ଚୋରା କୋଇଲା ଚାଲାଣକୁ ବିରୋଧ କରିବାରୁ ବାଇକ୍ ଜାଳିଦେଲେ

ପଦ୍ମପୁର, ୨୪।୪ (ଡି.ଏନ.ଏ.)

ଅଞ୍ଚଳରେ ଚୋରା କୋଇଲା ଚାଲାଣକୁ ବିରୋଧ କରୁଥିବାରୁ ମାଫିଆମାନେ ଯୁବକଙ୍କ ବାଇକ୍ ଜାଳି ଦେଇଛନ୍ତି। ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଉକ୍ତ ଯୁବକଙ୍କ ଘର ଗ୍ରୀଲ ଭାଙ୍ଗି ବାଇକ୍ ଜାଳି ଦେଇଥିବା ନେଇ ୫ଜଣଙ୍କ ନାମରେ ପୋଲିସ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ଇଚ୍ଛାପୁର-ମାରପୁର ଅଞ୍ଚଳର ପ୍ରତାପ ବେହେରା ଦୀର୍ଘଦିନ ଧରି ଚୋରା କୋଇଲା ଚାଲାଣକୁ ବିରୋଧ କରି ସାବରଙ୍ଗ ପୋଲିସ, ଏସ୍‌ପି, ଡିଆଇଜିଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଞ୍ଚଳରେ କୋଇଲା ଚୋରା ଚାଲାଣ ହେଉଥିବାର ଭିଡିଓ ଏବଂ ଅଡିଓ ରେକର୍ଡିଂ ସେ ସୋସିଆଲ ମିଡିଆରେ ପୋଷ୍ଟ କରୁଥିଲେ। ଫଳରେ ଚୋରା କୋଇଲା ମାଫିଆ ଆକ୍ରୋଶ ରଖି ଇଚ୍ଛାପୁର-ଚାନ୍ଦବାଲି ରାସ୍ତାର ମାରପୁର ଛକଠାରେ ଥିବା ତାଙ୍କ ଘର ଗ୍ରୀଲ ଭାଙ୍ଗି ଆସବାବପତ୍ର ଚୋରି କରି ନେବା ସହ ଏକ ବାଇକ୍ ଶନିବାର ପୋଡ଼ି ଦେଇଛନ୍ତି। ଏନେଇ ପ୍ରତାପଙ୍କ ସ୍ତ୍ରୀ କନକଲତାଙ୍କ ଅଭିଯୋଗକ୍ରମେ ଏକ ମାମଲା (ନଂ. ୭୮/୨୩) ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ଅମିତ କୁମାର ଭୂୟାଁ ପ୍ରକାଶ କରିଛନ୍ତି। ଚୋରା କୋଇଲା ଚାଲାଣକାରୀଙ୍କ ଉପରେ ପୋଲିସ ତୀକ୍ଷ୍ଣ ନଜର ରଖିବା ସହ ଧରାପଡ଼ିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## କୁପାରୀ ଅମ୍ବିକା ଆଶ୍ରମରେ ଅକ୍ଷୟତୃତୀୟା

ଖଇରା,୨୪।୪(ଡି.ଏନ.ଏ.)

ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ମା' ଅମ୍ବିକା ଆଶ୍ରମରେ ଅକ୍ଷୟତୃତୀୟା ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ବିଷ୍ଣୁ ପ୍ରସାଦ ଶୁକ୍ଳ ଓ ପ୍ରମୋଦ କୁମାର ମିଶ୍ର ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ଆଶ୍ରମ ସଞ୍ଚାଳକ ଶୁଭେନ୍ଦୁ ମୁନୀ ଉଦାସୀନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ସାଧୁସନ୍ତମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଭଗବାନ ସାହୁ, ରତ୍ନାକର ସେଣ୍ଠ, ସନ୍ତୋଷ କୁମାର ଜେନା, ସୁରେନ୍ଦ୍ର ଜେନା, ବଳରାମ ରାଉତ, ରବିନ୍ଦ୍ର ରାଉତ, ଟୁନା ବିଶ୍ୱାଳ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## 'ବାରିପଦାକୁ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରାଯାଉ'

**ସିନିୟର ସିଟିଜେନ ଫୋରମର ଦାବି**



ଫୋରମ୍‌ର କର୍ମକର୍ତ୍ତା ମ୍ୟୁନିସିପାଲିଟି ଚେୟାରମ୍ୟାନ୍ କୃଷ୍ଣାନନ୍ଦ ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ବାରିପଦା ଅଫିସ, ୨୪।୪

ମୟୂରଭଞ୍ଜରେ ପର୍ଯ୍ୟଟନର ଅପାର ସମ୍ଭାବନା ଥାଇ ଏହାକୁ ଏକ ବିଶ୍ୱସ୍ତରୀୟ ଆକର୍ଷଣର କେନ୍ଦ୍ରବିନ୍ଦୁ ତଥା ବାରିପଦାକୁ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବା ପାଇଁ ମୟୂରଭଞ୍ଜ ସିନିୟର ସିଟିଜେନ ଫୋରମ ପକ୍ଷରୁ ଦାବି କରାଯାଇଛି। ଫୋରମର ସାଧାରଣ ସମ୍ପାଦକ ଡ. ଶ୍ୟାମସୁନ୍ଦର ଦାସ ଓ ଅବସରପ୍ରାପ୍ତ କଳିଙ୍ଗ ଷ୍ଟାଡିୟମର ସଞ୍ଚାଳକ କୁମାର ରଞ୍ଜନ ପଣ୍ଡା ବାରିପଦା ମ୍ୟୁନିସିପାଲିଟିର ଚେୟାରମ୍ୟାନ କୃଷ୍ଣାନନ୍ଦ ମହାନ୍ତିଙ୍କ ସହ ଏନେଇ ଆଲୋଚନା କରିଛନ୍ତି। ସଦର ମହକୁମା ବାରିପଦା ସହର ଏକ ଆକର୍ଷଣୀୟ ସହରରେ ପରିଣତ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ବିଶେଷ କରି ଝିଞ୍ଜିରିବନ୍ଧର ପୁନରୁଦ୍ଧାର କାର୍ଯ୍ୟ ତୁରନ୍ତ ପରିସମାପ୍ତି ସହ ସେଠାରେ ରୋପୱେ ୱାଟର ଫାଉଣ୍ଟେନ, ବୋଟିଂ ସହ ବନ୍ଧର ଚାରିପଟେ ଡିଅର ପାର୍କ, ବାର୍ଡ ସେକଚୁଆରି, ଫିସ୍ ପଣ୍ଡ ଇତ୍ୟାଦି ପ୍ରସ୍ତୁତ କରି ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ଏତଦ୍‌ବ୍ୟତୀତ ସମଗ୍ର ଭାରତରେ ଆଦୃତ ହେଉଥିବା ଟୁଏଲଭଡି-ଥିଏଟର, ସ୍ନୋ ପାର୍କ, ଟ୍ରମ୍ପଲିନ ଆଦି ଆକର୍ଷଣୀୟ ବ୍ୟବସ୍ଥା କରିବାକୁ ମଧ୍ୟ ପ୍ରସ୍ତାବ ରଖିଥିଲେ। ମ୍ୟୁନିସିପାଲିଟି ଦ୍ୱାରା ବାରିପଦା ପୌରାଞ୍ଚଳର ବିଭିନ୍ନ ଖେଳପଡ଼ିଆ ନିକଟରେ ସ୍ଥାପିତ ଅପନ ଏୟାର ଜିମଗୁଡ଼ିକ ଛାତ୍ର, ଯୁବକ ତଥା ସମସ୍ତ ବର୍ଗଙ୍କ ଦ୍ୱାରା ଆଦୃତ ହୋଇଥିବାରୁ ଗାନ୍ଧୀ ପାର୍କ ସହ ଛଉ ପଡ଼ିଆ ଓ ମଧୁବନ ପଡ଼ିଆରେ ଦୁଇଟି ଅତିରିକ୍ତ ସେଟ୍ ବସାଇବାକୁ ସେମାନେ ଅନୁରୋଧ କରିଛନ୍ତି। ଖୁବ୍‌ଶୀଘ୍ର ଏସବୁ ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ କରାଯିବାକୁ ଚେୟାରମ୍ୟାନ ମହାନ୍ତି ସମ୍ମତି ପ୍ରଦାନ କରିଥିଲେ।

# ୫ ସନ୍ଦିଗ୍ଧ ଯୁବକ କୋର୍ଟଚାଲାଣ

ଧାମନଗର,୨୪।୪ (ଡି.ଏନ.ଏ./ସ୍ୱ.ପ୍ର.)

- ଡକାୟତି ଯୋଜନା କରିଥିଲେ
- ୨ ଭୁଜାଲି, ୨ ବାଇକ୍ ସହ ୪ ମୋବାଇଲ ଜବତ

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ରାଣୀପୋଖରୀ ନିକଟରୁ ପୋଲିସ ରବିବାର ଅପରାହ୍ନରେ ଧରିଥିବା ୫ ସନ୍ଦିଗ୍ଧ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ଯାଜପୁର ଜିଲା ପାଳଦା ଅଞ୍ଚଳର ମୁକେଶ ସାମଲ, ବାଲେଶ୍ୱର ଜିଲା ସୁନହାଟ ଅଞ୍ଚଳର ରାକେଶ ସେନାପତି, ଇଞ୍ଚୁଡ଼ି ଅଞ୍ଚଳର ବିକ୍ରମ ଦଳେଇ, ସାଇପୁର ଅଞ୍ଚଳର କାହ୍ନୁ ମାଝୀ ଓ କୃପାସିନ୍ଧୁ ଦଳେଇ। ସେମାନେ ବଡ଼ ଧରଣର ଡକାୟତି କରିବା ପାଇଁ ଯୋଜନା କରିଥିଲେ। ପୋଲିସ ସେମାନଙ୍କଠାରୁ ୨ ବାଇକ୍, ୨ ଭୁଜାଲି ସହ ୪ ମୋବାଇଲ ଫୋନ ଜବତ କରିଛି। ଏନେଇ ଥାନାରେ ମାମଲା (ନଂ.୧୮୭/୨୩) ରୁଜୁ କରାଯାଇଛି।

ପ୍ରକାଶ ଯେ, ଦୁଇଟି ବାଇକ୍‌ରେ ୫ଜଣ ଯୁବକ ଯାଜପୁରରୁ ଧାମନଗର ଅଞ୍ଚଳକୁ ଆସୁଥିଲେ। ରାଣୀପୋଖରୀ ନିକଟରେ ଗୋଟିଏ ବାଇକ୍ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିବା ବେଳେ ଯୁବକଙ୍କ ପଛପାଖରେ ଥିବା ଦୁଇଟି ଭୁଜାଲି ତଳେ ପଡ଼ିଯାଇଥିଲା। ସ୍ଥାନୀୟ ଲୋକେ ଭୁଜାଲି ଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ସେମାନଙ୍କୁ ଥାନାକୁ ନେଇ ଅଟକ ରଖିଥିଲା। ଧାମନଗର ଥାନା ଅଞ୍ଚଳରେ ଲୁଟ୍ ଓ ଚୋରି ବୃଦ୍ଧି ପାଇବାରେ ଲାଗିଛି। ଲୁଟେରାମାନେ ସୁନା ବ୍ୟବସାୟୀ ଓ ରାସ୍ତାରେ ଯାଉଥିବା ଲୋକଙ୍କୁ ପିଛା କରି ଲୁଟ୍ କରିବାରେ ସକ୍ଷମ ହେଉଛନ୍ତି। ସପ୍ତାହ ପୂର୍ବେ ଦୋବଲ ବଜାରରୁ ସନ୍ଧ୍ୟା ସମୟରେ ସୁନା ବ୍ୟବସାୟୀ ନୃସିଂହ ମହାରଣାଙ୍କ ସ୍କୁଟି ଡିକି ଖୋଲି ଲକ୍ଷାଧିକ ଟଙ୍କାର ସୁନା ରୁପା ଅଳଙ୍କାର ଲୁଟ୍ ହୋଇଥିଲା। ସେହିପରି ୩ ମାସ ପୂର୍ବେ ଦୋବଲ ବଜାରରୁ ଅନ୍ୟ ଜଣେ ସୁନା ବ୍ୟବସାୟୀ ନିରାକାର ସାହୁଙ୍କ ବାଇକ୍ ଡିକି ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ରୁପା ଅଳଙ୍କାର ଲୁଟ୍ ହୋଇଥିଲା। ଦୁଇ ଘଟଣାରେ ସିସିଟିଭି ଫୁଟେଜ ଥିବାବେଳେ ପୋଲିସ ଲୁଟେରାମାନଙ୍କୁ ଧରିବାରେ ସକ୍ଷମ ହୋଇ ନ ଥିବା ଅଭିଯୋଗ ହେଉଛି।

## ଜାତୀୟ ମାନବ ଅଧିକାର ଫୋରମର ପ୍ରସ୍ତୁତି ବୈଠକ

ବାରିକପୁର,୨୪।୪(ସ୍ୱ.ପ୍ର.)

ଭଦ୍ରକ ବ୍ଲକର ବିଭୁତିପୁରଠାରେ ଜାତୀୟ ମାନବ ଅଧିକାର ଫୋରମ ପକ୍ଷରୁ ମେ' ଶେଷ ସପ୍ତାହରେ ରାଜ୍ୟସ୍ତରୀୟ ସାଙ୍ଗଠନିକ ବୈଠକ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ନିର୍ମଳ ଚନ୍ଦ୍ର ସ୍ୱାଇଁ ଏଥିରେ ପୌରୋହିତ୍ୟ କରିଥିଲେ। ଜାତୀୟ ଉପସଭାପତି ତପନ କୁମାର ପତି, ରାଜ୍ୟ ଯୁଗ୍ମ ଆବାହକ ସଚିକାନ୍ତ ପଣ୍ଡା, ଜିଲା ସମ୍ପାଦକ ପ୍ରସନ୍ନ କୁମାର ପ୍ରଧାନ, ସଂଯୋଜକ ରବୀନ୍ଦ୍ର ପାଣିଗ୍ରାହୀ, ନକୁଳ ଚନ୍ଦ୍ର ଦାସ, ସହସମ୍ପାଦକ ଜଗନ୍ନାଥ ନାୟକ, ଉପସଭାପତି ଧୀରେନ୍ଦ୍ର ନାରାୟଣ ପଣ୍ଡା, ଅକ୍ଷୟ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ରୋଟାରୀ କ୍ଲବର ଉପଦେଷ୍ଟାମଣ୍ଡଳୀ ବୈଠକ



ବୈଠକରେ ଉପସ୍ଥିତ ଉପଦେଷ୍ଟାମଣ୍ଡଳୀର ସଭ୍ୟମାନେ।

ବାଲେଶ୍ୱର ଅଫିସ,୨୪।୪

ବାଲେଶ୍ୱର ରୋଟାରୀ କ୍ଲବ ପରିସରରେ ସଭାପତି ରୋଟାରିଆନ ସିଏ ପ୍ରଦୀପ୍ତ କୁମାର ପଣ୍ଡାଙ୍କ ଆବାହକତ୍ୱରେ ୨୦୨୩-୨୪ ବର୍ଷ ପାଇଁ ପ୍ରଥମଥର କ୍ଲବର ଉପଦେଷ୍ଟାମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଛି। କ୍ଲବର ମୁଖ୍ୟ ଉପଦେଷ୍ଟା ରୋଟାରିଆନ୍ ସୁବ୍ରତ କର ସଭାପତିତ୍ୱ କରିଥିଲେ। ଆଲୋଚନା ମାଧ୍ୟମରେ ଅନେକ ପ୍ରସ୍ତାବ ଗୃହୀତ ହୋଇଥିଲା। ଆସନ୍ତାବର୍ଷର କ୍ଲବର ସମ୍ପାଦକ ରୋଟାରିଆନ୍ ସୁଧାଂଶୁ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ବୈଠକ ପରେ ସଭାପତି ଓ ସମ୍ପାଦକ କ୍ଲବର ଚାଟାର ମେମ୍ବର ରୋଟାରିଆନ୍ ମୋତିଲାଲ ଡିଡ୍‌ୱାନିଆ ଏବଂ ରୋଟାରିଆନ୍ ପ୍ରଶାନ୍ତ କୁମାର ଚାନ୍ଦଙ୍କ ଘରକୁ ଯାଇ ତାଙ୍କୁ ସମ୍ମାନିତ କରିଥିଲେ। ସୁଧାଂଶୁ ପଣ୍ଡା, ରାଜାରାମ ଜଲାନ, ଶାନ୍ତନୁ କୁମାର ପାଣି, ପଦାରବିନ୍ଦ ମହାପାତ୍ର, ଡା. ଆର୍.କେ. ଜଟାନିଆ, ଡା. ଏସ୍.ଏସ୍. ଦାସ, ଡା. ସି.ଆର୍. ଦାସ, ସୌରଭ ବେହେରା, ପି.କେ. ଡାଭେ ଓ ରାଜେଶ ଗ୍ରୋଭର ପ୍ରମୁଖ ସଭ୍ୟମାନେ ଉପସ୍ଥିତ ହେଲେ।

# ୧୮ ଯୁବ ସାକ୍ଷରତା କେନ୍ଦ୍ର ଉଦ୍‌ଘାଟିତ

ବାଲେଶ୍ୱର ଅଫିସ,୨୪।୪

**ଠକାମିର ଶିକାର ନ ହେବା ପାଇଁ ପ୍ରାଥମିକ ଶିକ୍ଷାର ପ୍ରୟାସ**



ଅତିଥିଙ୍କ ଦ୍ୱାରା ବହି, ଖାତା ପ୍ୟାକେଟ୍ ପ୍ରଦାନ କରାଯାଉଛି।

ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ ଓ ରୋଟାରୀ କ୍ଲବ ବାଲେଶ୍ୱରର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟର ନିକଟସ୍ଥ ୬ଟି ଗ୍ରାମରେ ୧୮ଟି ଶିକ୍ଷାଦାନ କେନ୍ଦ୍ର ଏକା ସମୟରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍ଘାଟନ ହୋଇଥିବା ଶିକ୍ଷା କେନ୍ଦ୍ର ଗୁଡ଼ିକ ମଧ୍ୟରୁ ମର୍ଦ୍ଦରାଜପୁରରେ ୪ଟି, କେପିମହଲାରେ ୪ଟି, ମଖାପଦାରେ ୪ଟି, ଫୁଲକିଆରୀରେ ୩ଟି, ଜାମବଣୀରେ ୨ଟି ଓ କେପି ଲାଖରାଜ୍ ଗୋଟିଏ ରହିଛି। ଯୁବାବସ୍ଥା କିମ୍ବା ଯୁବାବସ୍ଥାକୁ ପାର କରିସାରିଥିବା ନିରକ୍ଷର ଲୋକମାନଙ୍କୁ ଏଥିରେ ସାମିଲ କରାଯାଇଛି। ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ଲୋକମାନଙ୍କୁ ପ୍ରାଥମିକ ଶିକ୍ଷା ପ୍ରଦାନ କରିବା ଯାହାଦ୍ୱାରା କି ସେମାନେ ଠକାମିର ଶୀକାର ହେବେ ନାହିଁ।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଓ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ମିଳିତ ଭାବେ ମର୍ଦ୍ଦରାଜପୁର ଗ୍ରାମରେ ଫିତା କାଟି ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ପରେ ଅନ୍ୟ କେନ୍ଦ୍ରଗୁଡ଼ିକ ଉଦ୍‌ଘାଟିତ ହୋଇଥିଲା। କେନ୍ଦ୍ରରେ ଉପସ୍ଥିତ ଥିବା ନିରକ୍ଷରମାନଙ୍କୁ ବର୍ଣ୍ଣବୋଧ ବହି ସମେତ ଖାତା ଓ ପେନସିଲ୍‌ର ଏକ ପ୍ୟାକେଟ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଡ. ପ୍ରତିମା ପ୍ରଧାନ, ରୋଟାରୀ କ୍ଲବର ସଦସ୍ୟ ଡ. ପଙ୍କଜ କୁମାର ଜେନା, ଯଶୋଦାନନ୍ଦନ ଆସ୍, ଭାବଗ୍ରାହୀ ମହାନ୍ତି, ନିକୁଞ୍ଜ ମହାନ୍ତି, ଡିକେ ଧଳ, ଉଦୟରଞ୍ଜନ ଦାସ, ମାତୃଦତ୍ତ ଦାସ, ସୁଖମୟ ବେହେରା, ଉପେନ୍ଦ୍ର ବେହେରା, ବିକ୍ରମଜିତ୍ କର ପ୍ରମୁଖ ଉପସ୍ଥିତ ଥିଲେ। ଅକ୍ଷର ସାଥୀ ରୂପରେ ହେମଲତା ପାତ୍ର, ଇତିଶ୍ରୀ ମହାପାତ୍ର, ଭାଗ୍ୟଶ୍ରୀ ମହାପାତ୍ର, ଦମୟନ୍ତୀ ମହାପାତ୍ର, ବାସନ୍ତୀ ସିଂ, ବୈଜୟନ୍ତୀ ନାୟକ, ପ୍ରମିଳା ନାୟକ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ସ୍ନାତକୋତ୍ତର ଛାତ୍ରୀଛାତ୍ର ପଲକ ମହାପାତ୍ର, କ୍ଷଣପ୍ରଭା ବିଶ୍ୱାଳ, ସ୍ୱପ୍ନା ରାଉତ, ଜିଏସ୍ ରଜତ ଦଳେଇ, ସମ୍ବିତ ମଲ୍ଲିକ, ସସ୍ମିତା ବେହେରା, ସୁନୀଲ କୁମାର ସ୍ୱାଇଁ, ଜୟନ୍ତୀ ସାମଲ, ଜ୍ୟୋତିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମର ୱାର୍ଡମେମ୍ବର, ସରପଞ୍ଚ, ଆଶାକର୍ମୀ ଓ ଅଙ୍ଗନୱାଡ଼ି କର୍ମୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିବା ସହ ଏହି ଅଭିଯାନକୁ ଆଗକୁ ନେବାକୁ ଉଦ୍ୟମ ଜାରି ରହିବ ବୋଲି ମତ ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ୨ ଟ୍ରକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

**ଚମ୍ପୁଆ,୨୪।୪(ଡି.ଏନ୍.ଏ):** କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନ ରଜିଆଠାରେ ସୋମବାର ମର୍ମନ୍ତୁଦ ଶଡ଼କ ଦୁର୍ଘଟଣା ଘଟିଯାଇଛି। ୨ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଘଟଣା ସ୍ଥଳରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ମୃତ ଡ୍ରାଇଭର ମୟୂରଭଞ୍ଜ ଜିଲା ବିସଇ ଗୁଡିଆ ଅଞ୍ଚଳର କାଲୁରାମ ବାସ୍କେ ବୋଲି ଜଣାଯାଇଛି। ଅନ୍ୟ ଜଣେ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାଯାଇଛି। ସୂଚନା ମୁତାବକ ରିମୁଳି ପଟୁ ଲୁହାପଥର ନେଇ ଏକ ଟ୍ରକ୍ (ନଂ. ଏନ୍ଏଲ୍୦୧ଏଡି ୪୮୩୯) ଝାଡ଼ଖଣ୍ଡ ଆଡକୁ ଯାଉଥିଲା। ବିପରୀତ ଦିଗରୁ ଆସୁଥିବା ଟ୍ରକ୍ (ନଂ. ଓଡ଼ି୦୯ କ୍ୟୁ ୩୬୨୧)ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଖବର ପାଇ ଚମ୍ପୁଆ ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ଟ୍ରକ୍ ମଧ୍ୟରେ ଚାପି ହୋଇ ରହିଥିବା ଜଣେ ଡ୍ରାଇଭରଙ୍କୁ ଉଦ୍ଧାର କରି ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ପକ୍ଷରୁ ମାମୁଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

### ୪୩ ଅଭିଯୋଗର ଶୁଣାଣି

**ଚାନ୍ଦବାଲି, ୨୪।୪ (ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ ଜିଲାପାଳ ଓ ଏସ୍ପିଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ ଓ ଏସ୍ପି ବରୁଣ ଗୁଣ୍ଟୁପାଲ୍ଲି ଶିବିରରେ ଯୋଗ ଦେଇଥିଲେ। ବ୍ୟକ୍ତିଗତ ସମସ୍ୟାଭିତ୍ତିକ ୩୮ଟି ଓ ସାମୂହିକ ସମସ୍ୟା ସମ୍ବନ୍ଧୀୟ ୫ଟି ମୋଟ ୪୩ ଅଭିଯୋଗ ଆଗତ ହୋଇଥିଲା। ଜିଲାପାଳଙ୍କ ଅନୁପସ୍ଥିତିରେ ଉପଜିଲାପାଳ ମନୋଜ ପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ବିଡିଓ ଜ୍ୟୋତିବିକାଶ ଦାସ ପ୍ରମୁଖ ଯୋଗଦେଇ ଜନଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ।

### ଯୁବକଙ୍କ ତଣ୍ଟି କାଟିଦେଲେ

**ପାଟଣା,୨୪।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳରେ ପ୍ରେମ ପ୍ରତାରଣାକୁ ନେଇ ଜଣେ ଯୁବକଙ୍କ ତଣ୍ଟି କାଟିଦେଇଛନ୍ତି। ଯୁବକ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ଯୁବକ ତୁରୁମୁଙ୍ଗା ନୂଆସାହିର ଭାଗୀରଥି ମୁଣ୍ଡା(୩୫) । ପୋଲିସ ସୂଚନା ଅନୁଯାୟୀ, ଭାଗିରଥୀ ମୁଣ୍ଡା ଗତ ୨ ମାସ ତଳେ ବାରିଆ ଥାନା ଜଜପଶି ପଞ୍ଚାୟତ ବଳା ଗ୍ରାମର ଚିନ୍ମୟ ମୁଣ୍ଡାଙ୍କ ସ୍ତ୍ରୀ ଲୀଳାବତୀଙ୍କୁ ପ୍ରେମ ଜାଲରେ ଫସାଇ ନେଇ ପଳାଇ ଆସିଥିଲେ। ଚିନ୍ମୟ ମାନସିକ ଭାରସାମ୍ୟ ହରାଇ ସୋମବାର ଦ୍ୱିପ୍ରହରରେ ଭାଗିରଥି ଶୋଇଥିବା ସମୟରେ ମହିଳାଙ୍କ ତଣ୍ଟି କାଟି ଫେରାର ହୋଇଯାଇଥିଲେ। ପରିବାର ଲୋକେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଘଟଣା ପରେ ଅଭିଯୁକ୍ତ ଆତ୍ମ ସମର୍ପଣ କରିଛନ୍ତି। ଭାଗିରଥିଙ୍କ ଭାଇ ସାନୁଙ୍କ ଅଭିଯୋଗ ଆଧାରରେ ତୁରୁମୁଙ୍ଗା ପୋଲିସ (ନଂ. ୫୭।୨୩)ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଏସ୍ଆଇ ଯମୁନା ମାରାଣ୍ଡି କହିଛନ୍ତି।

### ଗେଙ୍ଗୁଟିଆ ଗାଁରୁ ହରିଣ ଉଦ୍ଧାର

**ଖଇରା,୨୪।୪(ଡି.ଏନ.ଏ):** ବାଲେଶ୍ୱର ଜିଲା ଖଇରା ବ୍ଲକ ବଡ଼ନୁଆଗାଁ ପଞ୍ଚାୟତ ଅଧୀନ ଗେଙ୍ଗୁଟିଆ ଗ୍ରାମରୁ ସୋମବାର ଅପରାହ୍ନରେ ଗ୍ରାମବାସୀଙ୍କ ଦ୍ୱାରା ଏକ ହରିଣ ଉଦ୍ଧାର ପରେ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। କିଛି କୁକୁର ହରିଣକୁ ଗୋଡ଼ାଇବା ପରେ ସେ ଏକ ପୋଖରୀ ଭିତରକୁ ପଶି ଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ବନ ବିଭାଗକୁ ଜଣାଇବା ପରେ କୁପାରୀ ଫରେଷ୍ଟର ନରେଶ ସିଂଙ୍କ ସହ ଗାର୍ଡମାନେ ଘଟଣାସ୍ଥଳକୁ ଯାଇ ହରିଣଟିକୁ ଆଣି ଚିକିତ୍ସା ପରେ କୁଲଡିହା ଅଭୟାରଣ୍ୟରେ ଛାଡ଼ିଥିଲେ।

### ୧୧୫ ୟୁନିଟ ରକ୍ତ ସଂଗ୍ରହ

**ନୀଳଗିରି,୨୪।୪(ସ୍ୱ.ପ୍ର):** ନୀଳଗିରଠାରେ ଆୟୋଜିତ ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ କମିଟି ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ନୀଳଗିରି ଥାନା ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୧୧୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଡା. ତ୍ରିନାଥ ପାଲଙ୍କ ସହ ସରୋଜ ପଣ୍ଡା, ରାଜେଶ ଦାସ, ଗତିକୃଷ୍ଣ ମହାନ୍ତି, ସଂଗ୍ରାମଜ୍ୟୋତି ମହାପାତ୍ର ପ୍ରମୁଖ କାର୍ଯ୍ୟକର୍ତ୍ତା ରକ୍ତ ସଂଗ୍ରହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସବ୍ୟସାଚୀ ମହାପାତ୍ରଙ୍କ ସମେତ ଉଦୟଜ୍ୟୋତି ମହାନ୍ତି, ଦୀପକ ରଞ୍ଜନ ଦାସ, ବିଦ୍ୟାଧର ଖଟୁଆ, ବିଜୟ ଲେଙ୍କା, ନିଗମ ମହାପାତ୍ର, ତାପସ ମହାନ୍ତି, ସଞ୍ଜୟ ନାୟକ, ରାମଚନ୍ଦ୍ର ଦାସଙ୍କ ସହ ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ରାଜାବନ୍ଧ ଉନ୍ନତୀକରଣ କାର୍ଯ୍ୟ ନିମ୍ନମାନର

## ଉଚ୍ଚସ୍ତରୀୟ ତଦନ୍ତ ଦାବି

**ବାରିପଦା ଅଫିସ,୨୪।୪**

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ୍ ପୋଖରିଆ ପଞ୍ଚାୟତ ରାଜାବନ୍ଧର ପୁନରୁଦ୍ଧାର ଏବଂ ଉନ୍ନତୀକରଣ କାର୍ଯ୍ୟ ନିମ୍ନମାନର କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଗ୍ରାମର ନାରଣ ମୁର୍ମୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୫ବର୍ଷ ଧରି ଚାଲିଥିବା ବନ୍ଧ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରି ପ୍ରକଳ୍ପ କାର୍ଯ୍ୟ ବନ୍ଦ କରିବା ସହ ବିଲ୍ ରଦ୍ଦ କରିବାକୁ ଦାବି କରିଛନ୍ତି। ଏହା ସହିତ ଯନ୍ତ୍ରୀଙ୍କ ମନମୁଖି କାର୍ଯ୍ୟ ତଥା ଅନିୟମିତତା ସମ୍ପର୍କରେ ସିବିଆଇ ଯାଞ୍ଚ କରିବାକୁ ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ, ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ ବନ୍ଧ ଚାରିପାଖରେ ୪ଗୋଟି ୱାର୍ଡର ୮ଟି ଗ୍ରାମ ରହିଛି। ଏହି ଗ୍ରାମର ଲୋକ ଓ ଗୃହପାଳିତ ପ୍ରାଣୀ ବନ୍ଧ ଉପରେ ନିର୍ଭର କରୁଥିବାରୁ ବନ୍ଧଟି ପୋତି ହେବାକୁ ବସିଥିଲା। ଏହାର ପଙ୍କ ଉଦ୍ଧାର ଓ ଉନ୍ନତୀକରଣ ନିମନ୍ତେ ବାରମ୍ବାର ଦାବି ପରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ



ପୋଖରୀ ନିକଟରେ ବସିଥିବା ଅଭିଯୋଗକାରୀ।

୫ ବର୍ଷ ହେଲା ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହେଉଥିଲା। ସ୍ୱଚ୍ଛତା ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷରେ ୫୪ ଲକ୍ଷ ୩ ହଜାର ୩୭୯ ଟଙ୍କା ଅଟକଳକୁ ନେଇ ବ୍ୟୟ ବରାଦ ହୋଇଥିବା ବେଳେ ପରିବର୍ତ୍ତନ କାର୍ଯ୍ୟଧାରାକୁ ନେଇ ଗ୍ରାମବାସୀ ଚନ୍ଦ୍ର ମୋହନ ମୁର୍ମୁ, କୁଶ ମୁର୍ମୁ ପ୍ରମୁଖ ଅଭିଯୋଗ ଉଠାଇଛନ୍ତି। ପ୍ରତିବର୍ଷ ଅନୁଦାନ ଆସୁଥିବା ଅର୍ଥରାଶିରେ ବନ୍ଧର ଦୁଇ ପାର୍ଶ୍ୱ ଆଡ଼ିକୁ ସଫା କରି ମାଟିକୁ କାଟି ସମତଳ କରିବା ଏବଂ ବନ୍ଧର ପାଣି ଶୁଖାଇବା କାର୍ଯ୍ୟ କରାଯାଉଛି। ପଙ୍କ ଉଦ୍ଧାର କାର୍ଯ୍ୟ କରାଯାଉ ନ ଥିବାରୁ ବନ୍ଧର ପାଣି ବ୍ୟବହାର ଉପଯୋଗୀ ହୋଇପାରୁନାହିଁ ବୋଲି ଗ୍ରାମର ନିମାଇଁ ଚରଣ ମାଣ୍ଡି, ଲକ୍ଷ୍ମଣ ମୁର୍ମୁ ସଙ୍ଗରାୟ ହେମ୍ବ୍ରମ କହିଛନ୍ତି। ବିଭାଗୀୟ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ପାଇଁ ସରକାରଙ୍କ ଜନହିତକର ଯୋଜନା ବାଟମାରଣା ହେଉଛି। ଏ ନେଇ ଯନ୍ତ୍ରୀ ତପନ କୁମାର ଘୋଷ କହନ୍ତି, ପ୍ରଥମ ଥର ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ବନ୍ଧର ପୁନରୁଦ୍ଧାର ପାଇଁ କାର୍ଯ୍ୟ ହାତକୁ ନିଆଯାଇଥିଲା। ଏଥିରେ କେନାଲ ମରାମତି ସହିତ ବନ୍ଧର ପଙ୍କ ଉଦ୍ଧାର ଓ ଆଡିର ମରାମତି କାର୍ଯ୍ୟ କରାଯାଉଛି। ଏହି ସମୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ବ୍ଲକ୍ ପକ୍ଷରୁ ସମ୍ପୃକ୍ତ ସ୍ଥାନରେ କାର୍ଯ୍ୟ ଆରମ୍ଭ ହେବାରୁ ନିର୍ବାହୀଯନ୍ତ୍ରୀ ଜିଲାପାଳଙ୍କୁ ଜଣାଇବା ପରେ ଉକ୍ତ କାର୍ଯ୍ୟ ବନ୍ଦ କରାଯାଇଛି। ଏଥିରେ ଅସହିଷ୍ଣୁତା ଭାବ ଆଣି ଏପରି ଅଭିଯୋଗ କରାଯାଇଛି। ଘଟଣାର ତଦନ୍ତକୁ ମୁଁ ସ୍ୱାଗତ କରୁଛି। ତଦନ୍ତ ପରେ ସମସ୍ତ ଘଟଣା ଜଣାପଡ଼ିବ। ତେବେ ୧୫ଦିନ ମଧ୍ୟରେ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com



@ ସଞ୍ଜୟ



@ ଶଶିକାନ୍ତ



@ ହର୍ଷିତ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ସିକ୍ୟୁରିଟି କରୁଛନ୍ତି ରୋଗୀସେବା

## ଉଦଳା ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

**ଉଦଳା,୨୪।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡର ମୁଖ୍ୟ ଡାକ୍ତରଖାନା ଉଦଳା ଡାକ୍ତରଖାନାରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇଛି। ଡାକ୍ତର ନିଶାଶକ୍ତ ଅବସ୍ଥାରେ ରହୁଥିବା ବେଳେ ସିକ୍ୟୁରିଟି ଗାର୍ଡ ରୋଗୀ ସେବା କରୁଛନ୍ତି। ଏ ଭଳି ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଚର୍ଚ୍ଚାର ବିଷୟ ହୋଇଛି। ଭାଇରାଲ ହେଉଥିବା ଭିଡିଓ ୭ ରୁ ୮ ଦିନ ତଳର ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଡାକ୍ତରଖାନାରେ ୩ ବର୍ଷରୁ ଅଧିକ ହେବ ଜଣେ ଡାକ୍ତର କାର୍ଯ୍ୟ କରୁଛନ୍ତି। ମାତ୍ର ଅଧିକାଂଶ ସମୟରେ ସେ



ନିଶାସକ୍ତ ହୋଇ ଡାକ୍ତରଖାନାରେ ରୋଗୀ ଦେଖିଥାନ୍ତି। ଜଣେ ବ୍ୟକ୍ତି ରାତ୍ର ସମୟରେ ଡାକ୍ତରଖାନା ଯାଇଥିବା ବେଳେ ଚିକିତ୍ସା ନିମନ୍ତେ ଉକ୍ତ ଦିନ ସମ୍ପୃକ୍ତ ଡାକ୍ତର ରାତି ଡ୍ୟୁଟିରେ ଥିଲେ। ଡାକ୍ତର ନିଶାସକ୍ତ ଅବସ୍ଥାରେ ରହି ରୋଗୀ ଦେଖିବାକୁ ଚେଷ୍ଟା କରୁଥିବା ଓ ଜଣେ ସିକ୍ୟୁରିଟି ଗାର୍ଡ ଇଞ୍ଜେକସନ୍ ଭର୍ତ୍ତି କରି ଡାକ୍ତରଙ୍କୁ ଦେଖାଉଥିବା ଭିଡିଓରେ ଜଣାପଡୁଛି। ଏ ବାବଦରେ ସମ୍ପୃକ୍ତ ଡାକ୍ତରଙ୍କୁ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ। ଉପଖଣ୍ଡ ଚିକିତ୍ସାଧିକାରୀ ଡା. କମଳାକାନ୍ତ ନାୟକଙ୍କୁ ପଚାରିବାରୁ ତାଙ୍କ ନିକଟରେ ଅଭିଯୋଗ ରହିଛି ଏବଂ ସେ ଏ ନେଇ ଡାକ୍ତର ଟୁଡୁଙ୍କୁ ତାଗିଦ୍ କରିଛନ୍ତି। ଘଟଣା ବାବଦରେ ସିଡିଏମଓଙ୍କ ସହିତ ଆଲୋଚନା ପରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିଲେ।

# ଦୋଷୀଙ୍କୁ ୫ବର୍ଷ ୧୦ମାସ ଜେଲ

## ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲା

**ବାଲେଶ୍ୱର ଅଫିସ,୨୪।୪**

ବାଲେଶ୍ୱର ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ବିଚାରପତି (ପୋକ୍‌ସୋ) ରଞ୍ଜନ କୁମାର ସୁତାର ସୋମବାର ଏକ ନାବାଳିକା ଯୌନ ନିର୍ଯାତନା ମାମଲାର ବିଚାର କରି ଦୋଷୀଙ୍କୁ ୫ବର୍ଷ ୧୦ ମାସ ସଶ୍ରମ କାରାଦଣ୍ଡ ସହ ୧ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ନୀଳଗିରି ବ୍ଲକ ମିତ୍ରପୁର ଅଞ୍ଚଳରେ ଥିବା ବାପୁଜୀ ସେବା ସଦନରେ ଜଣେ ନାବାଳିକା ୨୦୧୫ରୁ ରହିଆସୁଥିଲେ। ସେବା ସଦନର ମାଲିକ ଗୌର ଚନ୍ଦ୍ର ଖମାରୀ ତାଙ୍କୁ ଯୌନ ନିର୍ଯାତନା ଦେଇ ଆସୁଥିଲେ। ଏନେଇ ପୀଡ଼ିତାଙ୍କ ପକ୍ଷରୁ ୨୦୧୭ରେ ନୀଳଗିରି ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ସେବା ସଦନର ମାଲିକଙ୍କୁ କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ବଜ୍ରପାତରେ ଜଳଙ୍ଗ ଚଣ୍ଡୀମନ୍ଦିର ମୁଖଶାଳା ଭାଙ୍ଗିଲା



ଭାଙ୍ଗି ଯାଇଥିବା ମନ୍ଦିର ମୁଖଶାଳା।

**ଖଇରା,୨୪।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ ଖଇରା ବ୍ଲକ ଅଧୀନ ଜଳଙ୍ଗ ଚଣ୍ଡୀପୀଠ ମୁଖଶାଳା ବଜ୍ରପାତରେ ଭାଙ୍ଗିପଡ଼ିଛି। ଏନେଇ ଭକ୍ତଙ୍କ ମଧ୍ୟରେ ନୈରାଶ୍ୟ ଭାବ ପ୍ରକାଶ ପାଇଛି। ତୁରନ୍ତ ଏହାକୁ ନୂତନ ଭାବରେ ନିର୍ମାଣ କରିବାକୁ ଟ୍ରଷ୍ଟ ବୋର୍ଡ ତଥା ଭକ୍ତମାନଙ୍କ ତରଫରୁ ଦାବି କରାଯାଇଛି। ୨୨ତାରିଖ ରାତିରେ ବଜ୍ରପାତରେ ୨୦୦୦ ମସିହାରେ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ନିର୍ମିତ ମୁଖଶାଳାର ଗୋଟିଏ ପାର୍ଶ୍ୱ ଭାଙ୍ଗିପଡ଼ିଥିଲା। ୨୩ତାରିଖରେ ଟ୍ରଷ୍ଟି ପ୍ରଫୁଲ୍ଲ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଭ୍ୟ ସୁଶାନ୍ତ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ନାରଣ ଦାସ ତଥା ଅନ୍ୟାନ୍ୟ ଗ୍ରାମବାସୀ ବୈଠକରେ ଯୋଗଦେଇଥିଲେ। ଦୁର୍ଘଟଣା ଆଶଙ୍କାରେ ବର୍ତ୍ତମାନ ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ କରାଯାଇଛି।

# ବକେୟା ଅର୍ଥ ଦାବିରେ ଶ୍ରମିକ ଆନ୍ଦୋଳନ

## ଟାଟା ଷ୍ଟିଲ ଲଙ୍ଗ ପ୍ରଡକ୍ଟ କମ୍ପାନୀ

■ ମାଲ ପରିବହନ ପ୍ରଭାବିତ

**ଯୋଡ଼ା,୨୪।୪(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବିଲେଇପଦାସ୍ଥିତ ଟାଟା ଷ୍ଟିଲ ଲଙ୍ଗ ପ୍ରଡକ୍ଟ କମ୍ପାନୀରେ ଶ୍ରମିକଙ୍କୁ ବକେୟା ଅର୍ଥ ପ୍ରଦାନ ଓ ନିଯୁକ୍ତି ଦାବି ନେଇ ସୋମବାର ଶ୍ରମିକ ଆନ୍ଦୋଳନ ଦେଖାଯାଇଛି। ଆନ୍ଦୋଳନ ଯୋଗୁ ରେଳ ସାଇଡିଂରେ ପରିବହନ ପ୍ରଭାବିତ ହୋଇଛି। ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଉକ୍ତ କମ୍ପାନୀରେ ପୁରୁଣା ଠିକାସଂସ୍ଥା ଅଧୀନରେ ପ୍ରାୟ ୩୦ ଶ୍ରମିକ କାର୍ଯ୍ୟ କରୁଥିଲେ। ମାତ୍ର ଠିକାସଂସ୍ଥାର କାର୍ଯ୍ୟରେ କିଛି ଅନିୟମିତତା ପରିଲକ୍ଷିତ ହେବାରୁ କମ୍ପାନୀ ସଂସ୍ଥାର କାର୍ଯ୍ୟ ବନ୍ଦ ରଖି ଯୋଡ଼ାସ୍ଥିତ ଅନ୍ୟ ଏକ ଠିକା ସଂସ୍ଥାକୁ କମ୍ପାନୀର କାର୍ଯ୍ୟରେ ନିୟୋଜିତ କରିଛି। ତେବେ ପୂର୍ବରୁ ଠିକାସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ନିଯୁକ୍ତି ପ୍ରଦାନ ଏବଂ ପୁରୁଣା ଠିକାସଂସ୍ଥାରେ ବକେୟା ଥିବା ଅର୍ଥ ପ୍ରଦାନକୁ ନେଇ ଶ୍ରମିକମାନେ ଆନ୍ଦୋଳନ କରିଥିଲେ। ଫଳରେ ସକାଳ ୮ରୁ ୧୨ ପର୍ଯ୍ୟନ୍ତ କମ୍ପାନୀର ରେଳ ସାଇଡିଂରେ ପରିବହନ କାର୍ଯ୍ୟ ବନ୍ଦ ରହିଥିଲା। ପୂର୍ବ ଠିକା ସଂସ୍ଥା ପକ୍ଷରୁ ଶ୍ରମିକଙ୍କ ବକେୟା ପାଉଣା ପ୍ରଦାନ ନେଇ ଆଲୋଚନା ହେବା ପରେ ଆନ୍ଦୋଳନରୁ ଶ୍ରମିକମାନେ ଓହରିଥିଲେ। ନୂତନ ଭାବେ ନିୟୋଜିତ ଠିକା ସଂସ୍ଥା ପକ୍ଷରୁ ସ୍ଥାନୀୟ ୩ ପଞ୍ଚାୟତର ସରପଞ୍ଚଙ୍କ ସହିତ ଆଲୋଚନା କରି ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରାଯିବାର ପ୍ରତିଶ୍ରୁତି ମିଳିଥିବା ମଧ୍ୟ ସୂଚନା ମିଳିଛି। ଏ ନେଇ କମ୍ପାନୀର କର୍ପୋରେଟ କମ୍ୟୁନିକେସନ ଅଧିକାରୀ ଆର୍ ସୋମନାଥ କହିଛନ୍ତି, ଶ୍ରମିକମାନଙ୍କ ବକେୟା ଅର୍ଥ ଦାବି ନେଇ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ। ଏହା ସହିତ ଆଗାମୀ ଦିନରେ ନୂତନ ଠିକାଦାର ମାଧ୍ୟମରେ ସ୍ଥାନୀୟ ନିଯୁକ୍ତି ଉପରେ ମଧ୍ୟ କମ୍ପାନୀ ଗୁରୁତ୍ୱ ଦେବ ବୋଲି ସେ କହିଥିଲେ।

# ୪୦ଫୁଟ ତଳକୁ ଖସିଲା ଟ୍ରକ

**ପାଟଣା,୨୪।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଦେଇ ଯାଇଥିବା ୪୯ ନଂ. ଜାତୀୟ ରାଜପଥର ନିକଟ ବୈତରଣୀ ନଦୀ ତୁରୁମୁଙ୍ଗା ପୋଲରୁ ଭାରସାମ୍ୟ ହରାଇ ଏକ ପ୍ଲାଷ୍ଟିକ ଦାନା ବୋଝେଇ ଟ୍ରକ୍ ୪୦ ଫୁଟ ତଳକୁ ଖସି ପଡ଼ିଛି। ଫଳରେ ଗାଡି ଚାଳକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଗାଡ଼ି ଚାଳକଙ୍କ ପରିଚୟ ମିଳିପାରିନାହିଁ। ଚଢେଇଭୋଳ ଫାଣ୍ଡି ପୋଲିସ ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ ଆରମ୍ଭ କରିଛି।

# କାଳବୈଶାଖୀରେ ଭାଙ୍ଗିଲା ଘର

**ବାହାନଗା,୨୪।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକରେ ସୋମବାର ପୂର୍ବାହ୍ନରେ କାଳବୈଶାଖୀ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଖରାସାହାପୁର ପଞ୍ଚାୟତର ୧୨ନଂ. ୱାର୍ଡ ଶଙ୍କରପଦାର ଭାଗୀରଥି ମହାଳିକଙ୍କ ଚାଳଛପର ଘର ମାଟିରେ ମିଶିଯାଇଛି। ଉକ୍ତ ଘର ଭିତରେ ଥିବା ତାଙ୍କ ମା’ ମନୁ ମହାଳିକ (୮୦) ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଭଙ୍ଗା ଘରେ ତଳେ ସେ ଚାପି ହୋଇ



ରହିଯାଇଥିଲେ। ସ୍ଥାନୀୟ ଲୋକେ ବହୁ କଷ୍ଟରେ ତାଙ୍କୁ ଉଦ୍ଧାର କରିଥିଲେ। ତେବେ ଘରଭାଙ୍ଗିବା ଯୋଗୁ ଗୋଟିଏ ଛେଳିର ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

# ଏସ୍‌ପିଙ୍କୁ ଭେଟି ନ୍ୟାୟ ମାଗିଲେ

## ଝିଅକୁ ମାରିଦିଆଯାଇଥିବା ଅଭିଯୋଗ କଲେ ମା’

**ଭଦ୍ରକ ଅଫିସ, ୨୪।୪**

ଶାଶୁଘର ଲୋକେ ନିର୍ଯାତନା ଦେଇ ମୋ ଝିଅକୁ ମାରି ଦେଇଛନ୍ତି। ଏହି ଘଟଣାରେ ନ୍ୟାୟ ପାଇଁ ସୋମବାର ଏସ୍‌ପିଙ୍କୁ ଭେଟିଛନ୍ତି ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ଲୁଙ୍ଗା ଗ୍ରାମର ରୀନା ଜେନା। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ୫ ବର୍ଷ ତଳେ ତାଙ୍କ ଝିଅ ବନଲତାଙ୍କର ବଡ଼ ଆନନ୍ଦପୁର ଗ୍ରାମର ଜଣେ ଯୁବକଙ୍କ ସହ ବିବାହ ହୋଇଥିଲା। ବାହାଘର ବେଳେ ସମସ୍ତ ଦାବି ମୁତାବକ ଯୌତୁକ ଦେଇଥିଲେ। ପରେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ବନଲତାଙ୍କୁ ନିର୍ଯାତନା ଦେଉଥିଲେ। ଏହି ଘଟଣାକୁ ନେଇ ଏକାଧିକବାର ଆପୋଷ ସମାଧାନ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଗତ ୧୭ ତାରିଖରେ ବନଲତା ନିଖୋଜ ହୋଇଯାଇଥିବା ନେଇ ଜ୍ୱାଇଁ ଫୋନ୍ ମାଧ୍ୟମରେ ଜଣାଇଥିଲେ। ସବୁଆଡ଼େ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ୨୦ ତାରିଖରେ ସୋର ଥାନା ଅଧୀନ କବୀରପୁର ଘସୁଆଠାରୁ ତାଙ୍କ ମୃତଦେହ ମିଳିଥିଲା। ଶାଶୁଘର ଲୋକେ ତାଙ୍କୁ ମାରିଦେଇ ମୃତଦେହକୁ ନେଇ ସେଠାରେ ପକାଇଥିବା ରୀନା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ରୀନାଙ୍କ ସହ ପଡ଼ୋଶୀମାନେ ମିଳିତ ଭାବେ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲିଙ୍କୁ ଅଭିଯୋଗ ଜଣାଇଥିଲେ। ମାମଲା ରୁଜୁ ସହ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ବାସୁଦେବପୁର ଥାନାଧିକାରୀଙ୍କୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି।




ଏସ୍‌ପି ଅଫିସ ଆଗରେ ଅଭିଯୋଗକାରୀ ରୀନାଙ୍କ ସମେତ ମହିଳାମାନେ।

# କୁରାଡିହା ସମବାୟ ସମିତି ଗୃହ ଉଦ୍‌ଘାଟିତ

**ରୂପସା, ୨୪।୪(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅଧୀନ କୁରାଡିହା ପଞ୍ଚାୟତରେ କୁରାଡିହା ସେବା ସମବାୟ ସମିତିର ନୂତନ ଗୃହ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚ ନିରଞ୍ଜନ ଧଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମିତି ମାଧ୍ୟମରେ ପଞ୍ଚାୟତବାସୀ ଋଣ ଦେଣନେଣ କରି ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ବୋଲି ସେ କହିଥିଲେ। ସମିତି ସଭାପତି ରାସକୁମାର ବାରିକ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ରଶ୍ମିତା ସିଂ, ଭାଜପା ନେତା କାର୍ତ୍ତିକ ଚନ୍ଦ୍ର ପ୍ରଧାନ, ଭାଜପା ପଞ୍ଚାୟତ ସଭାପତି ସଦାଶିବ ଜେନା, ଅବସରପ୍ରାପ୍ତ ଶିକ୍ଷକ ବୀରଭଦ୍ର ଗୋଛାୟତ, ସାମାଜିକ କର୍ମୀ କାର୍ତ୍ତିକ ଚନ୍ଦ୍ର ବାରିକ ପ୍ରମୁଖ ମଞ୍ଚାସୀନ ହୋଇ ସମିତି ଦ୍ୱାରା ମହିଳା, ପୁରୁଷଙ୍କ ସାମଗ୍ରିକ ବିକାଶ ସମ୍ଭବ ବୋଲି କହିଥିଲେ। ସମିତିର ସମ୍ପାଦକ ଝଣ୍ଟୁ ଗିରି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ୧୩୨ ସଭ୍ୟାସଭ୍ୟ ସମିତିରେ ନାମଭୁକ୍ତ ହୋଇଥିଲେ। ସନ୍ନ୍ୟାସୀ ମିଶ୍ର, ବିଶ୍ୱନାଥ ଧଳ, ସୁବାସ ସାହୁ, ସୁମତି ଦାସ, ଚକ୍ରଧର ଜେନା, ପୁରୁଷୋତ୍ତମ ବାରିକ ଓ ବିଜୟ କୁମାର ବାରିକ ଉପସ୍ଥିତ ଥିଲେ।

# ୨୯ ଦିନ ପରେ ଧାରଣା ପ୍ରତ୍ୟାହୃତ



ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଓ ବିକାଶ ପରିଷଦ ସଦସ୍ୟ।

## ଆନନ୍ଦପୁର ଜିଲା ଦାବି

**ଆନନ୍ଦପୁର/କୋଡ଼ପଡ଼ା, ୨୪।୪(ସ୍ୱ.ପ୍ର./ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡକୁ ସ୍ୱତନ୍ତ୍ର ଜିଲା ଦାବିରେ ବିକାଶ ପରିଷଦ ପକ୍ଷରୁ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଲୁଥିବା ଧାରଣାରୁ ବିକାଶ ପରିଷଦ ଓହରିଛି। ସୋମବାର ଧାରଣା ୨୯ ଦିନରେ ପହଞ୍ଚିଥିବା ବେଳେ ଆନନ୍ଦପୁର ବିକାଶ ପରିଷଦର ୨ ପ୍ରତିନିଧି ଦଳ ଭୁବନେଶ୍ୱର ଗସ୍ତ କରି ପୃଥକ ଭାବେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ମୁଖ୍ୟ ଶାସନ ସଚିବ, ରାଜସ୍ୱ ମନ୍ତ୍ରୀ, ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏଥି ସହିତ ରାଜ୍ୟ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହିତ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ଆନନ୍ଦପୁର ଉପଜିଲାପାଳ ଅନୀଲ କୁମାର ସେଠୀ ବିକାଶ ପରିଷଦର ଧାରଣା ମଞ୍ଚକୁ ଆସି ସରକାରଙ୍କ ନିକଟରେ ଜିଲା ପ୍ରସଙ୍ଗ ନେଇ ଦାବିପତ୍ର ଉପସ୍ଥାପନା କରାଯାଇଥିବା ସମ୍ପର୍କରେ ଆଲୋଚନା କରିବା ସହିତ ଧାରଣାକୁ ପ୍ରତ୍ୟାହୃତ କରିବା ପାଇଁ କହିଥିଲେ। ସରକାରୀସ୍ତରରେ ସାକାରାତ୍ମକ ଆଲୋଚନା ପରେ ଧାରଣାକୁ ସାମୁହିକ ଭାବେ ବନ୍ଦ ରଖାଯାଇଥିବା ବିକାଶ ପରିଷଦର ସଭାପତି ରମାକାନ୍ତ ନାୟକ ସୂଚନା ଦେଇଛନ୍ତି। ଆଲୋଚନା ସମୟରେ ବିକାଶ ପରିଷଦ ପକ୍ଷରୁ ସଭାପତି ରମାକାନ୍ତ ନାୟକ, ସମ୍ପାଦକ ଲୋକନାଥ ସିଂହ, ବରିଷ୍ଠ ନାଗରିକ ଅରୁଣ ମହାନ୍ତି, ଦୁର୍ଗାଚରଣ ଦଳେଇ, ମୁରଲୀଧର ମିଶ୍ର, ନିରାକାର ଦଳେଇ, ଯୁବ ଗୋଷ୍ଠୀଙ୍କ ପକ୍ଷରୁ ଶତ୍ରୁଘ୍ନ ସାହୁ, ଭାଗିରଥି ଦାଶ, ସନ୍ତୋଷ ରାଉତ, ଜ୍ୟୋତିରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷ ଦିନରେ ମା’ ବିଶ୍ୱେଶ୍ୱରୀ ମତ୍ସ୍ୟଜୀବୀ ସଂଘ ସାମିଲ ହୋଇଥିଲେ।

